**ଯୁବତୀଙ୍କ ମୃତଦେହ ଜବତ ଘଟଣା,୨ ଅଟକ**

କୁକୁଡାଖଣ୍ଡି, (ପ୍ରତାପ କୁମାର ସାହୁ) ହିଞ୍ଜିଳି ଥାନା ତଥା କୁକୁଡାଖଣ୍ଡି ବ୍ଲକ ମହୁଲପଲ୍ଲୀ ଗ୍ରାମର ଦଣ୍ଡାସୀ ପଦରରୁ ରବିବାର ମାଟିତଳୁ ଜଣେ ଯୁବତୀଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହ ଜବତ ହୋଇଥିଲା। ମଙ୍ଗଳବାର ଦୁଇ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଆସିକା ଏସଡିପିଓ ଉମାଶଙ୍କର ସିଂ ଏବଂ ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ ଅଟକ ଥିବା ଦୁଇ ଯୁବକଙ୍କୁ ନେଇ କଚ୍ଛାନଭିନ କରୁଛି।

# ମୁକ୍ତା ଯୋଜନା, ଜାଗା ମିଶନ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

## ଜିଲାପାଳଙ୍କ ବିଇଏମ୍‌ସି, ବିଇଡିଏ ଉନ୍ନୟନ ପ୍ରକଳ୍ପ ସମୀକ୍ଷା

ବ୍ରହ୍ମପୁର,୧୮(ସ୍ମୃତି ରଞ୍ଜନ ମହାଳିକ୍)

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡିଏ)ର ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିବା ସହ ସମୀକ୍ଷା କରିଛନ୍ତି।

ବିଇଏମସି ସମିଳନୀ କକ୍ଷରେ ହୋଇଥିବା ବୈଠକରେ ଜିଲାପାଳଙ୍କ ସମେତ ବିଇଏମସି କମିଶନର ଜେ. ସୋନାଲ ଓ ଅତିରିକ୍ତ କମିଶନର ସସ୍ମିତ ରାଉତ ଓ ନିଗମର ସମସ୍ତ ଯନ୍ତ୍ରୀ ଯୋଗଦେଇଥିଲେ। ମୁକ୍ତା ଯୋଜନା ଏବଂ ଜାଗା ମିଶନ ଅଧିନରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଜିଲାପାଳ ସମୀକ୍ଷା କରିଥିଲେ। ପ୍ରକଳ୍ପ ନିର୍ମାଣ ବେଳେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ନଜରକୁ ଆସୁଛି। ତେଣୁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ସେ ପରାମର୍ଶ ଦେଇଥିଲେ। ମୁକ୍ତା ଯୋଜନା ଏବଂ ଜାଗା ମିଶନ୍ ଅଧିନରେ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ୧୦୦ ଦିନ ଭିତରେ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସହରରେ ଯେଉଁ ସବୁ ରାସ୍ତା ଓ ଡ୍ରେନ୍ କାର୍ଯ୍ୟ ଜାରି ରହିଛି, ସେଗୁଡ଼ିକୁ ନଭେମ୍ବର ପୂର୍ବରୁ ସାରିବା ପାଇଁ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାପାଳ ବିଇଏମସି ଅନ୍ତର୍ଗତ ୩୭, ୩୮, ୪୧ ଓ ୪୨ ନଂ ୱାର୍ଡକୁ ଯାଇ ସେଠାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଏହାପରେ ୩୭ନଂ ୱାର୍ଡ ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଆଡୁଆ ସାହି ପକ୍କାରାସ୍ତା, ୩୮ନଂ ୱାର୍ଡରେ ଚାଲିଥିବା କଂକ୍ରିଟ ରାସ୍ତା ଓ ଡ୍ରେନ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ଚଣ୍ଡିମନ୍ଦିର ଛକକୁ ଯାଇ ସେଠାରେ ବହୁମୁଖୀ କୋଠା ନିର୍ମାଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେଠାରେ ଏକ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। ପରେ ଜିଲାପାଳ ୱାର୍ଡ ନଂ ୪୧କୁ ଯାଇ ଭେଣ୍ଡିଂଜୋନ୍ ନିର୍ମାଣ ହେବାକୁ ଥିବା ସ୍ଥାନ ଓ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଲାଞ୍ଜିପଲ୍ଲୀ ଓଭରବ୍ରିଜ୍ ମଧ ବୁଲି ଦେଖିଥିଲେ। ଶେଷରେ ୪୨ନଂ ୱାର୍ଡରେ ଖୋଡାସିଙ୍ଗି ଛକ ନିକଟରେ ଥିବା ରେଢ଼ିକା ପୋଖରୀ ବୁଲି ଦେଖିବା ସହ ପୋଖରୀ ହୁଡା ସୌନ୍ଦର୍ଯ୍ୟକରଣ ପୋଖରୀ ସଫେଇ ପାଇଁ ନିଗମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେଠାରେ ହେବାକୁ ଥିବା ଭେଣ୍ଡିଂ ଜୋନ୍ ସ୍ଥାନ, ଆମ୍ବପୁଆ ଗ୍ରାମରେ ରାସ୍ତା, ଡ୍ରେନ୍, ଶିଶୁ ଉଦ୍ୟାନ, ଅଙ୍ଗନୱାଡ଼ି ଗୃହ ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଆମ୍ବପୁଆ ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟା ସାଜିଥିବା ଗ୍ରାମ କଣ୍ଟକ ପଟ୍ଟା ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ଚାଲିଥିବା ଅଭିଯାନରେ କିଛି ଗ୍ରାମବାସୀ ରହିଯାଇଛନ୍ତି। ଗ୍ରାମ କଣ୍ଟକ ପଟ୍ଟା ଯୋଗାଇବାରେ ଜିଲାପାଳ ସହଯୋଗ କରିବାକୁ ଗ୍ରାମବାସୀ ନିବେଦନ କରିଥିଲେ। ଏ ବାବଦରେ ତହସିଲଦାରଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଗସ୍ତ ସମୟରେ ଡେପୁଟି ମେୟର ଇ ବିବେକ ରେଡ଼ି, ଯନ୍ତ୍ରୀ ରଞ୍ଜନ ପଣ୍ଡା ଓ ଗଣେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଇଡିଏ ସମ୍ମିଳନୀ କକ୍ଷରେ ଆଉ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଇଡିଏ ଅଧ୍ୟକ୍ଷ ତଥା ଗଞ୍ଜାମ ଜିଲାପାଳ ଯୋଗ ଦେଇ ବିଇଡିଏ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ସହରର କର୍ପୋରେସଶନ୍ ରୋଡରେ ଚାଲିଥିବା ଗଞ୍ଜାମ ହାଟ ପ୍ରକଳ୍ପର କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ସାରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବହୁ ପ୍ରତୀକ୍ଷିତ ରକ୍ ଗାର୍ଡେନ କାର୍ଯ୍ୟ ସରିଥିବା ବେଳେ ସପ୍ତାହକ ମଧ୍ୟରେ ସର୍ବସାଧାରଣ ପାଇଁ ଏହା ଖୋଲାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଗୃହ ଓ ବାଣିଜ୍ୟକ ଅନୁଷ୍ଠାନ ନିର୍ମାଣ ପାଇଁ ଆବେଦନ କରିଥିବା ନକ୍ସାକୁ ଅନୁମୋଦନ ଦିଗରେ ପଦକ୍ଷେପ ନେବାକୁ ବିଇଡିଏ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଏ ଉପାଧ୍ୟକ୍ଷ ତଥା ନିଗମ କମିଶନର ଜେ.ସୋନାଲ, ଅତିରିକ୍ତ କମିଶନର ତଥା ବିଡିଏ ସଚିବ ସସ୍ମିତ ରାଉତଙ୍କ ସମେତ ନିଗମ ଓ ବିଡିଏର ସମସ୍ତ ଯନ୍ତ୍ରୀ, ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ଅନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

ସୋରଡ଼ା

- ଜ୍ଞାନବିଜ୍ଞାନ ମେଳା,ସ୍ଥାନ- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ-ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକ ମୃତ, ୨ ଆହତ

**ଦୁଇ ଗାଡ଼ିକୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍**

ବ୍ରହ୍ମପୁର,୧୮(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଛକରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ ଦୁଇଟି ଗାଡ଼ିକୁ ଧକ୍କା ଦେବାରୁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାଶ (୭୦)। ଦୁଇ ଆହତଙ୍କ ପରିଚୟ ମିଳିନି। ସେମାନଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପିକ୍‌ଅପ ଡ୍ରାଇଭରଙ୍କ ବେପାରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ୩ଟିକୁ ଜବତ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି। ପ୍ରକାଶ ଯେ, ଅବସରପ୍ରାପ୍ତ ଶିକ୍ଷକ ଦାଶ ନିଜ ଏକ୍ସଏଲ ଗାଡ଼ିରେ କୌଣସି କାମରେ ବ୍ରହ୍ମପୁର ଆସୁଥିଲେ। ଆଙ୍କୁଶପୁର ଛକରେ ତାଙ୍କୁ ସାମନା ପଟୁ ଏକ ପିକ୍‌ଅପ୍ ଭ୍ୟାନ ଧକ୍କା ଦେଇଥିଲା। ଫଳରେ ଗୋବିନ୍ଦ ଗାଡ଼ିରୁ ଛିଟିକି ପଡିଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପିକଅପ ଚାଳକ ଏହି ଦୁର୍ଘଟଣା ଘଟାଇ ଅନ୍ୟ ଏକ ବାଇକକୁ ଧକ୍କା ଦେଇଥିଲେ। ଫଳରେ ସେ ଓ ବାଇକ୍ ଚାଳକ ଉଭୟେ ଆହତ ହୋଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ହସ୍ପିଟାଲ ପଠାଇଥିଲା। ସେହିପରି ଆହତଙ୍କୁ ମଧ ଚିକିତ୍ସା ପାଇଁ ଏମକେସିଜି ମେଡିକାଲ ପଠାଇଥିଲା। ରାସ୍ତା ମଝିରେ ଡିଭାଇଡର ନଥିବାରୁ ଏଠାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତୁରନ୍ତ ଏଠାରେ ଡିଭାଇଡର ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ବ୍ରହ୍ମପୁର,୧୮(ସ୍ମୃତି ରଞ୍ଜନ ମହାଳିକ)

ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ମଙ୍ଗଳବାର ଗଞ୍ଜାମ କଳା ପରିଷଦଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସାରଥୀ ପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂଘର ୩ ଦଫା ଦାବି ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ଠିକା ପ୍ରଥା ଉଚ୍ଛେଦ କରିଛନ୍ତି। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ସହ ଶିକ୍ଷା କର୍ମୀ ଓ ବିଦ୍ୟାଳୟରେ ଥିବା ଗଣଶିକ୍ଷକ, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା, ରାଜ୍ୟରେ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ମୂଳ ବେତନ ଲେଭୁଲ -୯ କେନ୍ଦ୍ରୀୟ ହାରରେ ଗ୍ରେଡ ପେ ୪୨୦୦ ଓ ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନକୁ ପୁନଃ ପ୍ରଚଳନ ପାଇଁ ଦାବି ହୋଇଛି। ଦାବି ସମୂହକୁ ନେଇ ୨୦୨୨ ନଭେମ୍ବର ୨୭ରୁ ୩୧ ଯାଏ ନିଖିଳ ଉତ୍କଳ ପ୍ରାଥମିକ ସଂଘ ଆନୁକୁଲ୍ୟରେ ରାଜ୍ୟର ସମସ୍ତ ବର୍ଗର ଶିକ୍ଷୟତ୍ରୀ ଓ ଶିକ୍ଷକଙ୍କୁ ନେଇ ବିଧାନସଭା ସମୁଖରେ ଆନ୍ଦୋଳନ କରାଯାଇଥିଲା। ସେ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏ ଯାଏ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହା ପ୍ରତିବାଦରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ସଂଘ ପକ୍ଷରୁ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବୈଠକ ହୋଇଥିବା ବେଳେ ଆସନ୍ତା ୫ ତାରିଖରେ ବ୍ଲକସ୍ତରରେ ପ୍ରସ୍ତୁତି ବୈଠକ ଓ ଦାବିପତ୍ର ପ୍ରଦାନ କରାଯିବ। ସେହିପରି ୧୧ରେ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କୁ ଦାବିପତ୍ର ଏବଂ ୧୬ ତାରିଖରୁ ବ୍ଲକ ସ୍ତରରୁ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଜିର ବୈଠକରେ ଉପସଭାପତି ପି ଧର୍ମ ରାଜୁ ରେଡ଼ି, ଉପସଭାନେତ୍ରୀ ଡି ଗୌରୀ, ସାଧାରଣ ସଂପାଦକ ପୂର୍ଣ୍ଣ ଚନ୍ଦ୍ର ମହାରଣାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

## ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୮(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଷ୍ଣୁପ୍ରସାଦ ମିଶ୍ର ଏକ ହତ୍ୟା ଉଦ୍ୟମ ମାମଲାର ୮ବର୍ଷ ପରେ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ବି.ଭିମେୟାଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଭିମେୟା ଓ ତାଙ୍କ ବାପା ବି. ମାଧେୟା ଗିରଫ ହୋଇ ଜେଲ ଯାଇଥିଲେ। ଉଭୟେ ଜାମିନରେ ଛାଡ ପାଇଥିଲେ। ବିଚାର ବେଳେ ମାଧେୟାଙ୍କ ମୃତ୍ୟୁ ଘଟିଥିବାରୁ ସେ ଉକ୍ତ ମାମଲାରୁ ବାଦ ପଡ଼ିଥିଲେ। ୨୦୧୫ ଏପ୍ରିଲ ୨୩ରେ ଜାଗପୁର ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଦାହ ପାଇଁ ଗ୍ରାମର କେତେଜଣ ଶ୍ମଶାନ ଯାଇଥିଲେ। ସେଠାରୁ କେ. ତ୍ରିନାଥ ନାମକ ଜଣେ ବ୍ୟକ୍ତି ଘରକୁ ଫେରୁଥିବା ବେଳେ ରାସ୍ତାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାଧେୟା ତାଙ୍କ ସହ ଝଗଡା କରିଥିଲେ। ଖବରପାଇ ମାଧେୟାଙ୍କ ପୁଅ ଭିମେୟା ସେଠାରେ ପହଞ୍ଚିଥିଲେ। ବାପା-ପୁଅ ମିଶି ବିଭିନ୍ନ ମାରଣାସ୍ତ୍ରରେ ତ୍ରିନାଥଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଏ ନେଇ ଗୁରୁତର ଆହତ ତ୍ରିନାଥଙ୍କ ସ୍ତ୍ରୀ କେ. ଈଶ୍ୱରୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୮/୧୫ରେ ମାମଲା ରୁଜୁ କରି ବାପା-ପୁଅଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ମାମଲାର ବିଚାର ବେଳେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତଙ୍କୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୁଦାମ ଚନ୍ଦ୍ର ସାହୁ ମକଦ୍ଦମା ପରିଚାଳନା କରୁଥିଲେ।

## ରୋଟାରି କ୍ଲବର ଅଧିଷ୍ଠାନ ଦିବସ

### ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ




ବୈଠକରେ ଉପସ୍ଥିତ ଅତିଥିମାନେ।

ଛତ୍ରପୁର,୧୮(ସନ୍ତୋଷ ପାଢ଼ୀ)

ଛତ୍ରପୁର ରୋଟାରି କ୍ଲବର ଅଧିଷ୍ଠାନ ଦିବସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏମ୍. ଧନଞ୍ଜୟ ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜିଲା ଗଭର୍ଣ୍ଣର ରୋଟାରିଆନ୍ ଜୟଶ୍ରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ରୋଟାରୀ ଆସିଷ୍ଟାଣ୍ଟ ଗଭର୍ଣ୍ଣର କାମରାଜୁ ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଇ. ନାଗେଶ୍ୱର ରାଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଦ୍ୱାରିକା ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଗାମୀ ବର୍ଷ ନିମନ୍ତେ ରୋଟାରିଆନ୍ ନିରଞ୍ଜନ ପାତ୍ର ସଭାପତି ଓ ସୁଜିତ ପଟ୍ଟନାୟକ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରୋଟାରିଆନ ଏସ. ରେଖା ମହାନ୍ତି, ସ୍ୱାଗତିକା ସାମନ୍ତରାୟ ଓ ସ୍ୱରପ୍ରିୟା ପଲେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ବିମଳ ପ୍ରସାଦ ସାହୁ, ପ୍ରସନ୍ନ ପତି, ପଦ୍ମଚରଣ ସାହୁ ଓ ନିରୋଦ ନାୟକ ନୂତନ ସଭ୍ୟଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନୀଳକଣ୍ଠ ବେହେରା, ନଳିନୀ ରଞ୍ଜନ ସାହୁ, ଶରତ କୁମାର ପଣ୍ଡା, ରବୀନ୍ଦ୍ର କୁମାର ସାହୁ ଓ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କୁ ମୁଖ୍ୟଅତିଥି ରୋଟାରୀ ସଦସ୍ୟତା ପ୍ରଦାନ କରିଥିଲେ। ଚାର୍ଟର ସମ୍ପାଦକ ସୁରଜିତ ସାମନ୍ତରାୟ ଛତ୍ରପୁର ରୋଟାରୀ କ୍ଲବ ଦ୍ୱାରା ବିଗତବର୍ଷ ଗୁଡିକରେ ହୋଇଥିବା ସମାଜ ମଙ୍ଗଳ କାର୍ଯ୍ୟକ୍ରମର ସୂଚନା ଦେଇଥିବା ବେଳେ ଚାର୍ଟର ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ କ୍ଲବ ସ୍ଥାପନା ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସମ୍ବଲପୁରୀ ଦିବସ

ବ୍ରହ୍ମପୁର,୧୮(ତନୁଶ୍ରୀ ନାହାକ)

ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଦିବସ ଅବସରରେ ମଙ୍ଗଳବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମଠାରେ ସମ୍ବଲପୁରୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ଡ଼.ସୁଶାନ୍ତ କୁମାର ବରାଳ, ସମ୍ମାନିତ ଅତିଥି ଭାବେ ଛାତ୍ର ମଙ୍ଗଳ ବିଭାଗ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ଓ ଅନ୍ୟତମ ଅତିଥି ଭାବେ ହଷ୍ଟେଲ ୱାଡ଼େନ ପ୍ରଫେସର ସୁଧାକର ପାତ୍ର ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଡ଼.ସମୀର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସମ୍ବଲପୁରୀ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ସମ୍ପର୍କରେ ଚର୍ଚ୍ଚା ହୋଇଥିବା ବେଳେ ଗୁରୁ ସତ୍ୟନାରାୟଣଙ୍କ ସମ୍ବଲପୁରୀ ଭାଷା ସାହିତ୍ୟରେ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ମାନେ ରଙ୍ଗବତୀ, ଡ଼ାଲଖାଇ, ରସରକେଲୀ, ମଇଲାଜଡ଼ ଭଳି ଗୀତରେ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡ଼.ସଂଜୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ୱବିଦ୍ୟାଳୟ ବିଜୁପଟ୍ଟନାୟକ ଅଡ଼ିଟୋରିୟମ ଠାରେ ସମ୍ବଲପୁରୀ ଦିବସ ପାଳିତ।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବେଲଗୁଣ୍ଠା,୧୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନବ ପଲ୍ଲବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂଆକରି ନାମ ଲେଖାଇଥିବା ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ ଯୋଗଦେଇଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଦେବେଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ରୁନିବାଳା ତ୍ରିପାଠୀ, ସ୍ନିଗ୍ଧାରାଣୀ ଗୌଡ଼, ମହେଶ୍ୱର ରାଉତ, ସନ୍ତୋଷୀ ପରିଡା, ସ୍ୱରୂପାରାଣୀ ରାଣୀ ବିଶ୍ୱାଳ, ସୁଶାନ୍ତ କୁମାର ଲେଙ୍କା, ପି. ଦୀପକ ରାଓ, ପିଙ୍କି ପଲାଇ, ଭାରତୀ ବିଶ୍ୱାଳ, ରୁପାଲୀ ବିଶୋଇ, ସଞ୍ଜୟ ସାହୁ, ଦିପୁ ଭୂୟାଁ ପ୍ରମୁଖ ବିଦ୍ୟାଳୟର ଇତିହାସ, ଶୃଙ୍ଖଳା, ପରିବେଶ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଛାତ୍ରୀ ପୂଜାରାଣୀ ପ୍ରଧାନ, ଗୁଣମ୍ଭରୀ ଲେଙ୍କା, ତପସ୍ୱିନୀ ଜେନା ପ୍ରମୁଖ ପଢିବା ସମୟରେ ସେମାନଙ୍କ ଅନୁଭୂତି କହିଥିଲେ।

## ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ, ସ୍ୱାସ୍ଥ୍ୟବୀମାଭୁକ୍ତ କରାଯାଉ



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଆଇନଜୀବୀମାନେ।

ଭଞ୍ଜନଗର,୧୮(ବାବୁଲା ପ୍ରଧାନ)

ନବନିର୍ବାଚିତ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ପୀତବାସ ପଣ୍ଡାଙ୍କୁ ମଙ୍ଗଳବାର ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ଭଞ୍ଜନଗର ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ରାଜ୍ୟରେ ଯୁବ ଆଇନଜୀବୀମାନଙ୍କୁ ସେଠାକାର ସରକାର ଷ୍ଟାଇପେଣ୍ଡ ଦେଉଥିବା ବେଳେ ଓଡିଶାରେ ନବାଗତ ଆଇନଜୀବୀମାନଙ୍କୁ ସେ ସୁବିଧା ମିଳୁନାହିଁ। ରାଜ୍ୟରେ ବିଭିନ୍ନ ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇଛି। କିନ୍ତୁ ଆଇନଜୀବୀମାନଙ୍କୁ ଏହି ସୁବିଧା ମିଳୁନାହିଁ। ଓଡ଼ିଶା ସରକାର ଏଥିପାଇଁ ପଦକ୍ଷେପ ନେବାକୁ ଗୌଡ ଦାବି କରିଥିଲେ। ଓଡିଶା ଏକ ଗରିବ ରାଜ୍ୟ। ନୂତନ ଭାବେ ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ହେଉଥିବା ଯୁବ ଆଇନଜୀବୀମାନଙ୍କ ଠାରୁ ସଭ୍ୟ ଚାନ୍ଦା ୫୦ ହଜାର ଟଙ୍କା ନିଆଯାଉଛି। ଏହାକୁ ପରିବର୍ତ୍ତନ କରାଯାଉ। ପରିଷଦର ଅଡିଟ ନିର୍ଦ୍ଧାରିତ ସମୟରେ କରିବା ପାଇଁ ମଧ ଅଭିମନ୍ୟୁ ଦାବି କରିଥିଲେ। ଆଗାମୀ ଦିନରେ ଏନେଇ ଆଇନଜୀବୀ ପରିଷଦ ଦୃଷ୍ଟି ଦେବ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ସଭ୍ୟ ପୀତବାସ ପଣ୍ଡା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ହରେକୃଷ୍ଣ ମହାପାତ୍ର, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପସଭାପତି ରଜତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଏମ୍ଡ଼ି ତାଜ ଆଦେନୀ, ପୂର୍ବତନ ବାର ଆସୋସିଏଶନ ସଭାପତି ରାଜେନ୍ଦ୍ର ପ୍ରଧାନ, ସନ୍ତୋଷ ନାୟକ, ପ୍ରଦ୍ୟୁମ୍ନ ନାୟକ, ବିଷ୍ଣୁ ପ୍ରଧାନ, ମନୋଜ ପଟ୍ଟନାୟକ, ନିଖିଳ ଓଡିଶା ଓକିଲ ସଂଘର ଉପସଭାପତି ରାଜେନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ସମ୍ପାଦକ ବସନ୍ତ କୁମାର ଦାଶ, ଅକ୍ଷୟ କୁମାର ସାହୁ,ଗୋପାଳକୃଷ୍ଣ ପ୍ରଧାନ, ଅଶୋକ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, ଜ୍ଞାନେନ୍ଦ୍ର ନାୟକ, ହର୍ଷବର୍ଦ୍ଧନ ପଣ୍ଡା, ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଇଏମ୍‌ସି ଦୁର୍ନୀତିର ତଦନ୍ତ ଦାବିକଲା ଭାଜପା

### ଭିଜିଲାନ୍ସ ଏସପିଙ୍କୁ ଭେଟିଲେ ନେତା

ବ୍ରହ୍ମପୁର,୧୮(ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ରେ ବିଭିନ୍ନ ଉନ୍ନୟନ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ହରିଲୁଟ ଚାଲିଛି। ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଥିବା ନିଗମ ସରକାରୀ ନିୟମର ଖୋଲା ଉଲ୍ଲଂଘନ କରି ବର୍ଷାଦିନେ ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରୁଛି। ଡ୍ରେନ ନିର୍ମାଣ ଓ ପୁନଃନିର୍ମାଣ ମଧ କରୁଛି। ବାର୍ଷିକ ଅନ୍ୟୁନ ଶତାଧିକ କୋଟି ଟଙ୍କାର ଯୋଜନା କରାଯାଉଥିବା ପ୍ରଚାର କରାଯାଉଥିବା ବେଳେ ମହାନଗରବାସୀ ସୁଫଳ ପାଉନଥିବା ଭାଜପା ଅଭିଯୋଗ କରିଛି। ସବୁ ଦୁର୍ନୀତିର ତଦନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ଭାଜପା ରାଜ୍ୟ କାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଏକ ଟିମ ମଙ୍ଗଳବାର ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କୁ ଭେଟି ନିଗମରେ ଚାଲିଥିବା ଅନିୟମିତତାର ଏକ ତାଲିକା ଦେଇଛନ୍ତି। ଭୋଟ ରାଜନୀତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଦ୍ୱାରା କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଉଛି। ମିଶନ ଶକ୍ତିକୁ ଦିଆଯାଉଥିବା କାମ ଶାସକ ଦଳ କର୍ମୀ ଓ ସମର୍ଥକମାନେ କରୁଛନ୍ତି। ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତାଳି ପକା କାମ କରାଯାଇ ବିପୁଳ ପରିମାଣର ଟଙ୍କା ହରିଲୁଟ ହେଉଛି। ଭିଜିଲାନ୍ସ ଚାହିଁଲେ ତଥ୍ୟ ଦେବାକୁ ପ୍ରସ୍ତୁତ ଥିବା ପତି ସ୍ପଷ୍ଟ କରି ଦେଇଛନ୍ତି। ନିର୍ବାଚିତ ନିଗମ ପରିଷଦର ବର୍ଷକ ମଧ୍ୟରେ ହୋଇଥିବା ଯୋଜନା ଅଧା ପନ୍ତରିଆ ରହିଛି। ନିର୍ବାଚିତ କର୍ତ୍ତୃପକ୍ଷ ପ୍ରଶାସନିକ ଅଫିସର, ଶାସକ ଦଳ ନେତା ଓ ଅସାଧୁ ଠିକାଦାରମାନେ ମେଳି ବାନ୍ଧି ହରିଲୁଟ କରୁଥିବା ଦାବିପତ୍ରରେ ଦର୍ଶାଯାଇଛି। ଏହାର ନକଲ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ, ନଗର ଉନ୍ନୟନ ବିଭାଗ କମିଶନର ତଥା ସଚିବ ଓ ଅନ୍ୟମାନଙ୍କୁ ଦିଆଯାଇଥିବା ପତି କହିଛନ୍ତି। ଏସପିଙ୍କୁ ଭେଟିବା ବେଳେ ଭାଜପା ଜିଲା ଉପସଭାପତି ସୁନୀଲ ସାହୁ, ରାମ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ ଥିଲେ।



ଭିଜିଲାନ୍ସ ଏସପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ନେତା

